# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର

ସଂଖ୍ୟା ୨୮୩୯ ତା ୧୯/୧୨/୨୪ ରିଖ

## ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆ ପୂର୍ବରୁ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ପ୍ରଦାନ କରାଯାଉଥିବାରୁ ଏହି ଖେଳପଡିଆଟିର ମାନ ଦିନକୁ ଦିନ ହ୍ରାସ ପାଉଅଛି ଏବଂ ଏହାଦ୍ୱାରା ଛାତ୍ରଛାତ୍ରୀ ମାନେ କ୍ରୀଡା ପ୍ରତିଯୋଗିତା ସମୟରେ ଆହତ ହେଉଛନ୍ତି ।

ତେଣୁ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ (Highest Body of University) ଙ୍କ ନିର୍ଦ୍ଦେଶ କ୍ରମେ ଏହି ବିଶ୍ୱବିଦ୍ୟାଳୟର ଖେଳପଡ଼ିଆଟି ଆସନ୍ତା ତା ୦୧.୦୨.୨୦୨୫ ରିଖ ଠାରୁ କ୍ରୀଡା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟକ୍ରମ ନିମନ୍ତେ ପ୍ରଦାନ କରାଯିବ ନାହିଁ ।

ଏତଦବ୍ୟତୀତ ଯେଉଁମାନଙ୍କର ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯାଇଅଛି (୩୧.୦୧.୨୦୨୫ ମଧ୍ୟରେ ଥିବା କାର୍ଯ୍ୟକ୍ରମ ଗୁଡିକ) ସେମାନଙ୍କୁ ନିମ୍ନ ଲିଖିତ ସର୍ତ୍ତାବଳି ଗୁଡିକୁ ପାଳନ କରିବାକୁ ହେବ ।

୧. ଆୟୋଜକମାନେ କୌଣସି ପ୍ରକାର stall କରିପାରିବେ ନାହିଁ ।

୨. ଖେଳ ପଡିଆରେ କୌଣସି ପ୍ରକାରର ଗାଲିଚା ବ୍ୟବହାର କରାଯିବ ନାହିଁ ।

୩. ଖେଳ ପଡିଆରେ କୌଣସି ପରିସ୍ଥିତିରେ କଣ୍ଟା ବ୍ୟବହାର କରାଯିବ ନାହିଁ କିମ୍ବା ଖନନ କାର୍ଯ୍ୟ ହୋଇପାରିବ ନାହିଁ ।

ସ୍ୱା. ଅପାଠ୍ୟ ୧୯.୧୨.୨୦୨୪

କୁଳସଚିବ

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର

ଜ୍ଞାପକ ସଂଖ୍ୟା ୨୯୩୫ ତା ୧୯/୧୨/୨୪ ରିଖ

ଏହାର ଏକକିତା ନକଲ ଅଧକ୍ଷା, ସ୍ନାତକତ୍ତୋର ପରିଷଦ/ ବିତ୍ତ ନିୟନ୍ତ୍ରକ / ପରୀକ୍ଷା ନିୟନ୍ତ୍ରକ/ ଉପ କୁଳସଚିବ / ସମସ୍ତ ବିଭାଗ ମୁଖ୍ୟ/ ସମସ୍ତ ବିଭାଗ/ ବିଶ୍ୱବିଦ୍ୟାଳୟର ସମସ୍ତ ଅଧିକାରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଅଧିକାରୀ, ବିଶ୍ୱବିଦ୍ୟାଳୟ ଖେଳପଡିଆଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ବିଶ୍ୱବିଦ୍ୟାଳୟ ସୂଚନା ଫଳକକୁ ସମସ୍ତଙ୍କ ଅବଗତି ନିମନ୍ତେ ଦିଆଗଲା ।

ଏହାର ଏକକିତା ନକଲ କୁଳପତିଙ୍କ ବ୍ୟକ୍ତିଗତ ସଚିବଙ୍କୁ କୁଳପତିଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୧୯.୧୨.୨୦୨୪

କୁଳସଚିବ

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର

ଜ୍ଞାପକ ସଂଖ୍ୟା ୨୯୩୬ ତା ୧୯/୧୨/୨୪ ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, ଗଂଜାମ/ ଉପ-ଜିଲ୍ଲାପାଳ, ବ୍ରହ୍ମପୁର/ ଆୟୁକ୍ତ, ବ୍ରହ୍ମପୁର ମହାନଗର ନିଗମଙ୍କ ସଦୟ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ବିଶ୍ୱବିଦ୍ୟାଳୟ ୱେବ୍ସାଇଟ ଅଧିକାରୀଙ୍କୁ ବିଶ୍ୱବିଦ୍ୟାଳୟ ୱେବ୍ସାଇଟ ରେ ପ୍ରକାଶ କରିବା ପାଇଁ ପ୍ରେରଣ କରାଗଲା ।

୧୯.୧୨.୨୦୨୪

କୁଳସଚିବ

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର